"ମିଠେ ବଚ୍ଚେ:- ଏହି ଲକ୍ଷ୍ୟ ବହୁତ ଉଚ୍ଚ ଅଟେ, ସେଥିପାଇଁ ନିଜର ସମସ୍ୟକୁ ନଷ୍ଟ ନ କରି ସତୋପ୍ରଧାନ ହେବା ପାଇଁ ପୁରୁଷାର୍ଥ କର ।"

ପ୍ରଶ୍ନ:- ପିଲାମାନଙ୍କର ଚଢତି କଳା ଅର୍ଥାତ୍ ଉନ୍ନତି ନ ହେବାର ମୁଖ୍ୟ କାରଣ କ'ଣ?

ଉତ୍ତର:- ଚାଲୁ-ଚାଲୁ ଯଦି ଟିକିଏ ବି ଅହଂକାର ଆସିଲା, ନିଜକୁ ବୁଦ୍ଧିମାନ ଭାବିଲ, ମୁରଲୀ ମିସ୍ କରିଲ, ବ୍ରହ୍ମାବାବାଙ୍କର ଅବଜ୍ଞା କରିଲ ତେବେ କେବେ ହେଲେ ଉନ୍ନତି ହୋଇପାରିବ ନାହିଁ । ଯଦି ସାକାର ବାବାଙ୍କର ହୃଦୟରୁ ଓହ୍ଲାଇଗଲ, ତେବେ ନିରାକାରଙ୍କର ହୃଦୟରୁ ବି ଓହ୍ଲାଇଗଲ ।

ଗୀତ:- ଲାଖ ଜମାନେ ବାଲେ....

ଓମ୍ ଶାନ୍ତି । ପିଲାମାନେ ଗୀତ ଶୁଣିଲେ । ପିଲାମାନେ କହୁଛନ୍ତି କେହି ଆମକୁ ଯେତେ ବି ସଂଗଯ୍ୟବୁଦ୍ଧି କରିବା ପାଇଁ ପ୍ରଯ୍ୟାସ କରନ୍ତୁ, କିନ୍ତୁ ଆମେ ସଂଗଯ୍ୟବୁଦ୍ଧି ହେବୁ ନାହିଁ । ହୁଏତ ସିଏ କେତେ ଓଲଟା-ସିଧା କଥା ଶୁଣାଇବେ, ତେବେ ବି ଆମେ ସଂଗଯ୍ୟବୁଦ୍ଧି ହେବୁ ନାହିଁ । ଶ୍ରୀମତ ଅନୁଯାଯ୍ୟୀ ଚାଲୁଥିବୁ । ବାବା ପ୍ରତ୍ୟେକ ଦିନ ଭିନ୍ନ-ଭିନ୍ନ ଜ୍ଞାନ ବିନ୍ଦୁ ବୁଝାଉଛନ୍ତି । ସତ୍ୟଯୁଗରେ ୯ ଲକ୍ଷ ମନୁଷ୍ୟ ଥିଲେ । ତେବେ ନିଶ୍ଚିତ ଏତେ ସବୁ ମନୁଷ୍ୟ ବିନାଶ ହୋଇଯିବେ । ଯେଉଁମାନେ ବୁଦ୍ଧିବାନ୍ ହୋଇଥିବେ, ସେମାନେ ଈଶାରା ଦ୍□ାରା ବୁଝିଯିବେ ଯେ ବାସ୍ତବରେ ଏହି ଲଢେଇ ଦ୍□ାରା ହିଁ ଅନେକ ଧର୍ମର ବିନାଶ ହୋଇ ଏକମାତ୍ର ଦେବୀ-ଦେବତା ଧର୍ମର ସ୍ଥାପନା ହେବାର ଅଛି । ଯେଉଁମାନେ ଯୋଗଯ୍ୟ ହେବେ ସେହିମାନେ ହିଁ ମନୁଷ୍ୟରୁ ଦେବତା ହେବେ । ବାବାଙ୍କ ବିନା କେହି ମନୁଷ୍ୟରୁ ଦେବତା କରାଇପାରିବେ ନାହିଁ । ତେଣୁ ପିଲାମାନଙ୍କର ମନେ ରଖିବା ଉଚିତ୍ ଯେ ଏବେ ଆମକୁ ଘରକୁ ଯିବାକୁ ହେବ, କିନ୍ତୁ ମାଯ୍ୟା ପ୍ରତି ମୁହୂର୍ତ୍ତରେ ଏହି କଥା ଭୁଲାଇ ଦେଉଛି । ତେଣୁ ବର୍ତ୍ତମାନ ଠାରୁ ବାବାଙ୍କୁ ମନେ ପକାଇ ସତ୍□ପ୍ରଧାନ ହେବାର ଅଛି । ଯେ କୌଣସି ସମସ୍ୟରେ ବଡ ଲଢେଇ ଲାଗିଯାଇପାରେ । ଏହାର କୌଣସି ନିଯ୍ୟମ ନାହିଁ । କହୁଛନ୍ତି ମଧ୍ୟ ବୋଧ ହୁଏ ବଡ ଲଢେଇ ହୋଇଯିବ, ଯାହା ବନ୍ଦ ମଧ୍ୟ ନ ହୋଇପାରେ । ସମସ୍ତେ ପରସ୍ପର ସହିତ ଲଢେଇ କରିବାରେ ଲାଗିପଡିବେ । ତେଣୁ ବିନାଶ ହେବା ପୂର୍ବରୁ କାହିଁକି ଆତ୍ମଭେମାନେ ଯୋଗ ଦ୍□ାରା ତମୋପ୍ରଧାନରୁ ସତ୍□ପ୍ରଧାନ ହେବାର ପୁରୁଷାର୍ଥ ନ କରିବା? ସ୍ମୃତିର ଯାତ୍ରାରେ ହିଁ ମାଯ୍ୟା ବିଘ୍ନ ପକାଇଥାଏ ସେଥିପାଇଁ ବାବା କହୁଛନ୍ତି - ପ୍ରତ୍ୟେକ ଦିନ ଚାର୍ଟ ଅର୍ଥାତ୍ ଯୋଗର ଚାର୍ଟ ଲେଖ । ମୁସ୍କିଲ୍ରେ ୨-୪ ଜଣ କେହି ଲେଖୁଛନ୍ତି । ବାକି ତ ସମସ୍ତେ ନିଜର କର୍ମଧନ୍ଦାରେ ହିଁ ସାରାଦିନ ରହିଛନ୍ତି । ଅନେକ ପ୍ରକାରର ବିଘ୍ନ ଭିତରେ ପଡି ରହିଛନ୍ତି । ପିଲାମାନେ ଏକଥା ଜାଣିଛନ୍ତି ଯେ ଆମକୁ ସତୋପ୍ରଧାନ ନିଶ୍ଚଯ୍ୟ ହେବାକୁ ପଡିବ । ତେଣୁ ଯେଉଁଠାରେ ଥିଲେ ମଧ୍ୟ, ପୁରୁଷାର୍ଥ କରିବାକୁ ହେବ । ମନୁଷ୍ୟମାନଙ୍କୁ ବୁଝାଇବା ପାଇଁ ଚିତ୍ର ଆଦି ମଧ୍ୟ ତିଆରି କରୁଛନ୍ତି କାହିଁକି ନା ଏହି ସମସ୍ୟରେ ସମସ୍ତେ ୧୦୦ ଶତକଡା ତମୋପ୍ରଧାନ ଅଟନ୍ତି । ଆତ୍ମାମାନେ ଯେବେ ପ୍ରଥମେ ମୁକ୍ତିଧାମରୁ ଆସନ୍ତି, ସେତେବେଳେ ସତୋପ୍ରଧାନ ହୋଇଥାନ୍ତି । ପୁଣି ସତୋ ରଜୋ ତମୋ ସ୍ଥିତି ମଧ୍ୟରେ ଗତି କରି ଏହି ସମସ୍ୟରେ ସମସ୍ତେ ତମୋପ୍ରଧାନ ହୋଇଯାଇଛନ୍ତି । ତେଣୁ ସମସ୍ତଙ୍କୁ ବାବାଙ୍କ ସନ୍ଦେଶ ଦେବାକୁ ହେବ ଯେ ବାବାଙ୍କୁ ମନେ ପକାଇବା ଦ୍□ାରା ତମୋପ୍ରଧାନରୁ ସତୋପ୍ରଧାନ ହୋଇଯିବ । ବିନାଶ ମଧ୍ୟ ସମ୍ମୁଖରେ ଉପସ୍ଥିତ । ସତ୍ୟଯୁଗରେ ଗୋଟିଏ ହିଁ ଧର୍ମ ଥିଲା ଏବଂ ଅନ୍ୟ ସମସ୍ତେ ନିର୍ବାଣଧାମରେ ଥିଲେ । ପିଲାମାନଙ୍କୁ ଚିତ୍ର ଉପରେ ଧ୍ୟାନ ଦେବାକୁ ହେବ । ଚିତ୍ର ବଡ ହେବା ଦ୍□ାରା ଭଲ ଭାବରେ ବୁଝିପାରିବେ । ସମସ୍ତଙ୍କୁ ବାବାଙ୍କର ସନ୍ଦେଶ ଦେବାକୁ ହେବ । ମନମନାଭବର ଅକ୍ଷର ମୁଖ୍ୟ ଅଟେ । ଅଲଫ ଏବଂ ବେ ଏହାକୁ ବୁଝାଇବା ପାଇଁ କେତେ ପରିଶ୍ରମ କରିବାକୁ ପଡିଥାଏ । ବୁଝାଇଲାବାଲା ମଧ୍ୟ କ୍ରମାନ୍□ୟରେ ଅଛନ୍ତି । ଅବିନାଶୀ ବାବାଙ୍କ ସହିତ ତୁମର ବହୁତ ସ୍ନେହ ରହିବା ଆବଶ୍ୟକ । ବୁଦ୍ଧିରେ ଏହି କଥା ରହିବା ଦରକାର ଯେ ଆମେମାନେ ବାବାଙ୍କର ସେବାରେ ଉପସ୍ଥିତ ହେବୁ । ତୁମକୁ ଈଶ୍□ରୀଯ୍ୟ ସେବାଧାରୀ ହେବାକୁ ପଡିବ । ଯଦିଓ ଲୋକମାନେ ଖୁଦାଇ-ଖିଦ୍ମତ୍ଗାର ଅର୍ଥାତ୍ ଈଶ୍□ରୀଯ୍ୟ ସେବାଧାରୀ ଅକ୍ଷର କହୁଛନ୍ତି କିନ୍ତୁ ଏହାର ଅର୍ଥ ବୁଝୁନାହାଁନ୍ତି । ବର୍ତ୍ତମାନ ବାବା ଆସିଛନ୍ତି - ପିଲାମାନଙ୍କର ସେବା କରିବା ପାଇଁ । କେତେ ଉତ୍ତମ ଦେବୀ-ଦେବତା କରି ଗଢୁଛନ୍ତି । ବର୍ତ୍ତମାନ ସମସ୍ୟରେ

ଆମେମାନେ କେତେ କାଙ୍ଗାଳ ହୋଇଯାଇଛୁ । ସତ୍ୟଯୁଗରେ ଆମେ ସର୍ବଗୁଣ ସମ୍ପନ୍ନ ହୋଇଯିବୁ । ଏଠାରେ ପରସ୍ପର ସହିତ ଲଢେଇ-ଝଗଡା କରୁଛନ୍ତି । ଏକଥା କେହି ଜାଣିନାହାଁନ୍ତି ଯେ ବିନାଶ ନିଶ୍ଚିତ ହେବାର ଅଛି । ସେମାନେ ଭାବୁଛନ୍ତି ଶାନ୍ତି ପ୍ରତିଷ୍ଠା ହୋଇଯିବ, ସମ୍ପୂର୍ଣ୍ଣ ଘୋର ଅନ୍ଧକାର ମଧ୍ୟରେ ପଡିଛନ୍ତି । ଏବେ ସେମାନଙ୍କୁ ବୁଝାଇଲାବାଲା ଆବଶ୍ୟକ । ତୁମେ ବିଦେଶରେ ମଧ୍ୟ ଏହି ଜ୍ଞାନ ଦେଇପାରିବ । ସଭାରେ ବସି ଗୋଟିଏ କଥା ହିଁ ବୁଝାଅ ଯେ ମହାଭାରୀ ଲଢେଇ ପ୍ରସିଦ୍ଧ ଅଟେ । ଏହାଦ୍ୱାରା ପୁରୁଣା ଦୁନିଆର ବିନାଶ ହେବ । ଈଶ୍ୱର ପିତା ମଧ୍ୟ ଏହିଠାରେ ଅଛନ୍ତି । ନିଶ୍ଚୟ ସିଏ ବ୍ରହ୍ମାଙ୍କ ଦ୍ୱାରା ସ୍ୱର୍ଗର ସ୍ଥାପନା କରୁଛନ୍ତି । ଶଙ୍କରଙ୍କ ଦ୍ୱାରା କଳିଯୁଗର ବିନାଶ ମଧ୍ୟ ହେବ, କାରଣ ବର୍ତ୍ତମାନ ହେଉଛି ସଂଗମଯୁଗ । ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ହେବ । ତୃତୀୟ ବିଶ୍ୱଯୁଦ୍ଧକୁ ଶେଷ ଯୁଦ୍ଧ ବୋଲି କହୁଛନ୍ତି । ସର୍ବଶେଷ ବିନାଶ ମଧ୍ୟ ନିଶ୍ଚୟ ହେବ । ଏବେ ସମସ୍ତଙ୍କୁ ଏହି କଥା କହିବାକୁ ପଡିବ ଯେ ଅବିନାଶୀ ପିତାଙ୍କୁ ମନେ ପକାଇଲେ ମୁକ୍ତିଧାମକୁ ଚାଲିଯିବ । ଯଦିଓ ନିଜ ଧର୍ମରେ ରହୁଛ, ତଥାପି ବାବାଙ୍କୁ ମନେ ପକାଇବା ଦ୍ୱାରା ନିଜ ନିଜର ଧର୍ମରେ ଭଲ ପଦ ପାଇପାରିବ ।

ତୁମେମାନେ ଜାଣିଛ - ଅବିନାଶୀ ବାବା ଆମମାନଙ୍କୁ ପ୍ରଜାପିତା ବ୍ରହ୍ମାଙ୍କ ଶରୀର ମାଧ୍ୟମରେ ଏହି ଜ୍ଞାନ ଦେଉଛନ୍ତି, ପୁଣି ଏହି କଥା ଅନ୍ୟମାନଙ୍କୁ ମଧ୍ୟ ବୁଝାଇବାକୁ ପଡିବ । ଦାନପୁଣ୍ୟ ପ୍ରଥମେ ଘରୁ ଆରମ୍ଭ ହୋଇଥାଏ । ତେଣୁ ଆଖ-ପାଖରେ ସମସ୍ତଙ୍କୁ ଏହି ସନ୍ଦେଶ ଦେବାକୁ ହେବ । ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ମଧ୍ୟ ବାବାଙ୍କର ପରିଚୟ ଦେବାକୁ ପଡିବ । ବାହାରର ଲୋକମାନଙ୍କୁ, ରାଜାମାନଙ୍କୁ ଏହି ଜ୍ଞାନ ଦେବାକୁ ହେବ । ସେଥିପାଇଁ ପ୍ରସ୍ତୁତି କରିବା ଆବଶ୍ୟକ । ବାବା କହୁଛନ୍ତି ଯେଉଁ ମୁଖ୍ୟ ଚିତ୍ରଗୁଡିକ ଅଛି - ତ୍ରିମୂର୍ତ୍ତି, ସୃଷ୍ଟିଚକ୍ର, କଳ୍ପବୃକ୍ଷ ଚିତ୍ର ଯଦି କପଡାରେ ଛପା ହୋଇଯିବ, ତେବେ ଏହାକୁ ବାହାରକୁ ବି ନେଇଯାଇ ହେବ । ଯଦି ବଡ ଆକାରରେ ଛପା ହୋଇପାରୁନି ତେବେ ଦୁଇଭାଗ କରିଦିଅ । ସମସ୍ତ ଜ୍ଞାନ ତ୍ରିମୂର୍ତ୍ତି, ସୃଷ୍ଟିଚକ୍ର, କଳ୍ପବୃକ୍ଷ ଚିତ୍ରରେ ରହିଛି । ସିଢିର ଜ୍ଞାନ ମଧ୍ୟ ଏହି ସୃଷ୍ଟି ଚକ୍ରରେ ଆସିଯାଉଛି । ସିଢିର ଚିତ୍ରରେ ବିସ୍ତାର ଭାବରେ ଦର୍ଶାଇ ଦିଆଯାଇଛି ଯେ ୮୪ ଜନ୍ମ କିପରି ନେଉଛନ୍ତି । ସୃଷ୍ଟିଚକ୍ରରେ ସବୁ ଧର୍ମବାଲାଙ୍କର କଥା ଆସିଯାଉଛି । ସିଢିର ଚିତ୍ରରେ ଦେଖାଉଛନ୍ତି ଯେ କିପରି ସତ୍ତ୍ୱପ୍ରଧାନରୁ ପୁଣି ସତ୍ତ୍ୱ-ରଜୋ-ତମୋ ସ୍ଥିତିରେ ଆସୁଛନ୍ତି, ତଳକୁ ଖସୁଛନ୍ତି । ଏବେ ବାବା କହୁଛନ୍ତି ମୋତେ ହିଁ କେବଳ ମନେ ପକାଅ । ସାରାଦିନ ବାବାଙ୍କର ଏହି ବିଚାର ଚାଲୁଛି । ଯଦି କେହି ନୂଆ ବଡ ଘର ତିଆରି କରିବେ, ତେବେ ତା'ର କାନ୍ଥ ଏତେ ବଡ ହେଉ ଯେ ସେଥିରେ ୬ ଫୁଟ/୯ ଫୁଟ ସାଇଜର ଚିତ୍ର ତିଆରି କରାଯାଇପାରିବ । ସେଥିପାଇଁ ୧୨ ଫୁଟର କାନ୍ଥ ହେବା ଦରକାର । ବର୍ତ୍ତମାନ ସମୟରେ ଭାଷା ମଧ୍ୟ ବହୁତ ରହିଛି । ଯଦି ସବୁ ଧର୍ମବାଲାଙ୍କୁ ବୁଝାଇବାକୁ ହେବ, ତେବେ ଅନେକ ଭାଷାରେ ଚିତ୍ର ତିଆରି କରିବାକୁ ପଡିବ । ସେତିକି ବିଶାଳ ବୁଦ୍ଧି ହୋଇ ଏହି ଯୁକ୍ତି ବା ଉପାୟ ରଚନା କରିବା ଦରକାର । ସେବାର ସଉକ ରହିବା ଦରକାର । ଖର୍ଚ୍ଚ ତ କରିବାକୁ ହିଁ ହେବ । କିନ୍ତୁ ତୁମକୁ ଭିକ ମାଗିବାର ଆବଶ୍ୟକତା ନାହିଁ । ହୁଣ୍ଡି ସ୍ୱତଃ ଭରିଯିବ । ଏହା ଡ୍ରାମାରେ ନିଧାର୍ଯ୍ୟ ରହିଛି । ଏସବୁ କଥା ପିଲାମାନଙ୍କର ବୁଦ୍ଧିରେ ଆସିବା ଦରକାର । କିନ୍ତୁ ଯଦି ପିଲାମାନେ ଅଳ୍ପ କିଛି କରିଦେଉଛନ୍ତି, ତେବେ ନିଶା ଚଢିଯାଉଛି ଯେ ଆମେ ବହୁତ ହୁସିଆର ବା ବିଜ୍ଞ ଅଟୁ । ବାବା କହୁଛନ୍ତି - ଟଙ୍କାକରୁ ୪ ଅଣା ମଧ୍ୟ ଶିଖି ନାହାଁନ୍ତି । କେହି ଦୁଇଅଣା, କେହି ଏକ ଅଣା, କେହି ଏକ ପଇସା ଯେତିକି ମଧ୍ୟ ମୁସକିଲ୍‌ରେ ଶିଖିଛନ୍ତି । କିଛି ହେଲେ ବୁଝୁ ନାହାଁନ୍ତି । ମୁରଲୀ ପଢିବାରେ ମଧ୍ୟ ଆଗ୍ରହ ନାହିଁ । ସାହୁକାର ପ୍ରଜା, ଗରୀବ ପ୍ରଜା ସବୁ କିଛି ଏହିଠାର ହିଁ ହେବାକୁ ପଡିବ । କେହି-କେହି ତ ବାବାଙ୍କ ସହିତ ପ୍ରତିଜ୍ଞା କରି ମଧ୍ୟ ମୁହଁ କଳା କରିଦେଉଛନ୍ତି । କହୁଛନ୍ତି ବାବା ମୁଁ ହାରିଗଲି । ବାବା କହୁଛନ୍ତି ତୁମେ ତ ପଦାତିକ ସେନାମାନଙ୍କଠାରୁ ମଧ୍ୟ ହୀନ ଅଟ, ଅର୍ଥାତ୍ ମୂଲ୍ୟହୀନ ଅଟ । ଏପରି ହେଲେ ତୁମେ କେଉଁ ପଦ ପାଇବ! ଏବେ ସୂର୍ଯ୍ୟବଂଶୀ ରାଜଧାନୀ ସ୍ଥାପନ ହେଉଛି । ଯେଉଁମାନଙ୍କୁ ବାବାଙ୍କର ସ୍ମୃତି ରହିଥାଏ, ସେହିମାନେ ହିଁ ଖୁସିରେ ରହିଥାନ୍ତି । କେବଳ ଏହି କଥା ମନେ ରହୁ ଯେ ବାବାଙ୍କ ଦ୍ୱାରା ଆମେ କେଉଁ ସମ୍ପତ୍ତିର ଅଧିକାର ନେଉଛୁ, ତାହା ହେଲେ ମଧ୍ୟ ବହୁତ ଲାଭ ଅଛି । ନିଜେ ଧାରଣ କରି ପୁଣି ଅନ୍ୟମାନଙ୍କୁ ନିଜ ସମାନ କରିବାକୁ ହେବ । ପିଲାମାନଙ୍କ ଦ୍ୱାରା ସେବା ଠିକ୍ ଭାବରେ ହେଉ ନାହିଁ । ଅଳ୍ପ କିଛି ସେବା କରୁଛନ୍ତି, ଭାବୁଛନ୍ତି ଆମେ ଉତ୍ତୀର୍ଣ୍ଣ ହୋଇଗଲୁ । ଦେହ-ଅଭିମାନରେ ଆସି ତଳକୁ ଖସିଯାଉଛନ୍ତି । ଯଦି ବ୍ରହ୍ମାଙ୍କର ଅସମ୍ମାନ କଲ, ତେବେ ଶିବବାବା କହୁଛନ୍ତି - ଏହାର ଅର୍ଥ ମୋର ଅସମ୍ମାନ କଲ । ବାପଦାଦା ଉଭୟ ଏକତ୍ର ରହିଛନ୍ତି ନା । ଏପରି ନୁହେଁ ଯେ ଆମର ତ ଶିବବାବାଙ୍କ ସହିତ ସମ୍ପର୍କ ରହିଛି, ଆରେ ସମ୍ପତ୍ତି ତ ଏହାଙ୍କ ଦ୍ୱାରା ଅର୍ଥାତ୍ ବ୍ରହ୍ମାଙ୍କ ଦ୍ୱାରା ମିଳିବ

ନା । ତେଣୁ ଏହାଙ୍କୁ ନିଜ ମନର ସମାଚାର ଶୁଣାଇବାକୁ ହେବ ଓ ବାବାଙ୍କଠାରୁ ରାସ୍ତା ନେବାକୁ ହେବ । ଶିବବାବା କହୁଛନ୍ତି ମୁଁ ସାକାରଙ୍କ ଦ୍ୱାରା ରାସ୍ତା ଦେବି । ବ୍ରହ୍ମାଙ୍କ ବିନା ଶିବବାବାଙ୍କଠାରୁ ସମ୍ପତ୍ତି କିପରି ନେବ । ବାବାଙ୍କ ବିନା କିଛି କାମ ହୋଇପାରିବ ନାହିଁ, ସେଥିପାଇଁ ପିଲାମାନଙ୍କୁ ବହୁତ-ବହୁତ ସତର୍କ ରହିବାକୁ ହେବ । ଓଲଟା ଅହଂକାର କରି ନିଜର କ୍ଷତି କରିଦେଉଛନ୍ତି । ଯଦି ସାକାରଙ୍କର ହୃଦୟରୁ ଖସିଗଲ ତେବେ ନିରାକାରଙ୍କର ହୃଦୟରୁ ମଧ୍ୟ ଓହ୍ଲାଇଯିବ । ଏହିପରି ବହୁତ ଅଛନ୍ତି - ଯେଉଁମାନେ କେବେ ହେଲେ ମୁରଲୀ ଶୁଣୁ ନାହାଁନ୍ତି, ପତ୍ର ମଧ୍ୟ ଲେଖୁନାହାଁନ୍ତି, ତେବେ ବାବା କ'ଣ ବୁଝିବେ! ଏହି ଲକ୍ଷ୍ୟ ବହୁତ ଶ୍ରେଷ୍ଠ ଅଟେ । ପିଲାମାନେ ନିଜର ସମସ୍ତ ନଷ୍ଟ କରିବା ଉଚିତ୍ ନୁହେଁ । ଯେଉଁମାନେ ନିଜକୁ ମହାରଥୀ ବୋଲି ଭାବୁଛନ୍ତି ସେମାନଙ୍କୁ ମହାନ କାର୍ଯ୍ୟରେ ସହଯୋଗ କରିବା ଦରକାର । ତେବେ ବାବା ଖୁସି ହୋଇ ଆଶୀର୍ବାଦ କରିବେ, ଏହାଦ୍ୱାରା ବହୁତଙ୍କର କଲ୍ୟାଣ ହେବ । ପ୍ରଦର୍ଶନୀକୁ ତ ଢେର ଲୋକ ଆସୁଛନ୍ତି । ପ୍ରଜା ତିଆରି ହୋଇଯାଉଛି । ବାବାଙ୍କର ସେବାଧାରୀ ପିଲାମାନଙ୍କ ପ୍ରତି ଦୃଷ୍ଟି ରହିଥାଏ । ସୂର୍ଯ୍ୟବଂଶୀ ରାଜାରାଣୀ ହେବା ପାଇଁ ପୁରୁଷାର୍ଥ କରୁଥିବା ଆତ୍ମାମାନେ ଏହି ଇନ୍ଦ୍ରସଭାକୁ ଆସିବା ଉଚିତ୍ । ଯେଉଁମାନେ ସେବା କରୁନାହାଁନ୍ତି ସେମାନେ ଯୋଗ୍ୟ ନୁହଁନ୍ତି । ଭବିଷ୍ୟତରେ ସବୁ ଜଣା ପଡିଯିବ - କିଏ-କିଏ କ'ଣ ହେବେ! ପିଲାମାନଙ୍କର ବହୁତ ଆଗ୍ରହ ରହିବା ଦରକାର ଯେ କାଲି ଆମେ ସ୍ୱର୍ଗରେ ଯାଇ ରାଜକୁମାର ହେବୁ । ଏଠାକୁ ତୁମେମାନେ ରାଜଯୋଗ ଶିଖିବାକୁ ଆସିଛ । ଯଦି ଭଲ ଭାବରେ ନ ପଢିବ ତେବେ କନିଷ୍ଠ ପଦ ପାଇବ । ବାବାଙ୍କ ପାଖକୁ ସେବାର ସମାଚାର ଆସିବା ଉଚିତ୍ । ବାବା ଆଜି ମୁଁ ଏହି ସେବା କଲି । ପତ୍ର ମଧ୍ୟ କେବେ ହେଲେ ଲେଖୁ ନାହାଁନ୍ତି, ତେବେ ବାବା କ'ଣ ବୁଝିବେ? ବୋଧହୁଏ ମରିଗଲେ । ଯେଉଁ ପିଲାମାନେ ସେବା କରିଥାନ୍ତି ବାବାଙ୍କର ମଧ୍ୟ ସେହି ପିଲାମାନେ ମନେ ରହିଥାନ୍ତି । ସେମାନେ ସମସ୍ତଙ୍କୁ ବାବାଙ୍କର ପରିଚୟ ଦେଇ ଚାଲିଥାଆନ୍ତି । ଶିବବାବା ବ୍ରହ୍ମାଙ୍କ ଦ୍ୱାରା ବ୍ରହ୍ମାକୁମାର କୁମାରୀମାନଙ୍କୁ ସମ୍ପତ୍ତି ଦେଉଛନ୍ତି । ଶିବବାବା ବ୍ରହ୍ମାଙ୍କ ଦ୍ୱାରା ବ୍ରାହ୍ମଣମାନଙ୍କର ରଚନା କରୁଛନ୍ତି । ବର୍ତ୍ତମାନ ଅନ୍ୟ ସବୁ ଧର୍ମ ଅଛି, କିନ୍ତୁ ଦେବୀ-ଦେବତା ଧର୍ମ ଯାହାକି ମୂଳଦୁଆ, ତାହା ଲୁପ୍ତ ହୋଇଯାଇଛି । ଏହି ସମସ୍ତ ଖେଳ ରଚନା କରାଯାଇଛି । ସିଢିର ଚିତ୍ରରେ ସବୁ ଧର୍ମ ନାହିଁ । ଏହି କାରଣରୁ ସୃଷ୍ଟିଚକ୍ର ଉପରେ ବୁଝାଇବାକୁ ହେବ, ଏଥିରେ ସ୍ପଷ୍ଟ ରୂପେ ଦର୍ଶାଯାଇଛି । ଏକଥା ମଧ୍ୟ ବୁଝାଇବାକୁ ହେବ ଯେ ସତ୍ୟଯୁଗରେ ଦେବୀ-ଦେବତାମାନେ ଦ୍ୱିମୁକୁଟଧାରୀ ଥିଲେ । ବର୍ତ୍ତମାନ ସମସ୍ତରେ ପବିତ୍ରତାର ମୁକୁଟ କାହାର ନାହିଁ । କେହି ଜଣେ ହେଲେ ନାହାଁନ୍ତି, ଯାହାଙ୍କୁ ମୁଁ ପବିତ୍ରତାର ମୁକୁଟ ଦେଇପାରିବି । ନିଜକୁ ନିଜେ ମଧ୍ୟ ଏହି ମୁକୁଟ ଦେଇପାରିବେ ନାହିଁ । ଆମେ ପବିତ୍ରତାର ମୁକୁଟ ପାଇଁ ପୁରୁଷାର୍ଥ କରୁଛୁ । ଶରୀର ତ ଏଠାରେ ପବିତ୍ର ନାହିଁ । ଆତ୍ମା ଯୋଗବଳ ଦ୍ୱାରା ପବିତ୍ର ହୋଇ ଅନ୍ତିମ ସମସ୍ତରେ ପବିତ୍ର ହୋଇଯିବ । ମୁକୁଟ ତ ସତ୍ୟଯୁଗରେ ମିଳିବ । ସତ୍ୟଯୁଗରେ ଦୁଇଟି ମୁକୁଟ ମିଳିବ । ଭକ୍ତିମାର୍ଗରେ ଗୋଟିଏ ମୁକୁଟ ରହିଛି । ବର୍ତ୍ତମାନ କୌଣସି ମୁକୁଟ ନାହିଁ । ତେବେ ତୁମକୁ ପବିତ୍ରତାର ପ୍ରକାଶର ମୁକୁଟ କିପରି ଦେଖାଇବି? ତୁମେମାନେ ଜ୍ଞାନୀ ତ ହୋଇଛ କିନ୍ତୁ ସମ୍ପୂର୍ଣ୍ଣ ପବିତ୍ର ହେବା ପରେ ଲାଇଟ୍ ବା ପ୍ରକାଶର ମୁକୁଟ ରହିବା ଦରକାର । ତେବେ କ'ଣ ସୂକ୍ଷ୍ମ ବତନରେ ଲାଇଟ୍ ଦେଖାଇବି? ଯେପରି ମମ୍ମା ସୂକ୍ଷ୍ମବତନରେ ପବିତ୍ର ଫରିସ୍ତା ହୋଇ ରହିଛନ୍ତି ନା । ସେଠାରେ ଗୋଟିଏ ମୁକୁଟ ରହିଛି । କିନ୍ତୁ ଏବେ ଲାଇଟ୍ କିପରି ଦେଖାଇବି? ଶେଷ ସମସ୍ତରେ ପବିତ୍ର ହେବେ । କ'ଣ ଯେବେ ଯୋଗରେ ବସୁଛ ତେବେ ଲାଇଟ୍ ବା ଆଲୋକର ମୁକୁଟ ଦେଖାଇବି? ଆଜି ପବିତ୍ରତାର ମୁକୁଟ ଦିଆଯିବ, କାଲି ଯଦି ପତିତ ହୋଇଗଲ ତାହା ଲୁଚିଯିବ ତେଣୁ ଅନ୍ତିମ ସମସ୍ତରେ ଯେବେ କର୍ମାତୀତ ଅବସ୍ଥା ହେବ ତେବେ ପବିତ୍ରତାର ପ୍ରଭାମଣ୍ଡଳ ରହିବ । କିନ୍ତୁ ତୁମେମାନେ ସମ୍ପୂର୍ଣ୍ଣ ହେବାମାତ୍ରରେ ହିଁ ସୂକ୍ଷ୍ମବତନକୁ ଚାଲିଯିବ । ଯେପରି ବୁଦ୍ଧ, ଖ୍ରୀଷ୍ଟଙ୍କୁ ଦେଖାଉଛନ୍ତି । ପ୍ରଥମେ-ପ୍ରଥମେ ପବିତ୍ର ଆତ୍ମାମାନେ ଧର୍ମ ସ୍ଥାପନ କରିବାକୁ ଆସନ୍ତି, ତାଙ୍କୁ ଲାଇଟ୍ ଦିଆଯାଇ ପାରିବ, ମୁକୁଟ ନୁହେଁ । ତୁମେମାନେ ମଧ୍ୟ ବାବାଙ୍କୁ ସ୍ମୃତିରେ ରହି-ରହି ପବିତ୍ର ହୋଇଯିବ । ସ୍ୱଦର୍ଶନ ଚକ୍ର ଘୂରାଇ-ଘୂରାଇ ତୁମ୍ଭେମାନେ ରାଜପଦ ପାଇଯିବ । ସେଠାରେ ମନ୍ତ୍ରୀ ରହିବେ ନାହିଁ । ଏଠାରେ ବହୁତଙ୍କଠାରୁ ପରାମର୍ଶ ନେବାକୁ ପଡୁଛି । ସେଠାରେ ସମସ୍ତେ ସତ୍ତ୍ୱପ୍ରଧାନ ଅଟନ୍ତି । ଏସବୁ ବୁଝିବାର କଥା ଅଟେ । ଆଚ୍ଛା—

ମିଠା ମିଠା ସିକିଲଧେ ସନ୍ତାନମାନଙ୍କ ପ୍ରତି ମାତା-ପିତା, ବାପଦାଦାଙ୍କର ମଧୁର ସ୍ନେହଭରା ସ୍ମୃତି ଏବଂ

ସୁପ୍ରଭାତ । ଆତ୍ମିକ ପିତାଙ୍କର ଆତ୍ମିକ ସନ୍ତାନମାନଙ୍କୁ ନମସ୍ତେ ।

ଧାରଣା ପାଇଁ ମୁଖ୍ୟ ସାର :—

(୧) ବାପଦାଦାଙ୍କଠାରୁ ଆଫରୀନ ଅର୍ଥାତ୍ ସାବାସୀ ପାଇବା ପାଇଁ ବାବାଙ୍କର ଏହି ମହାନ କାର୍ଯ୍ୟରେ ପୂରା-ପୂରା ସହଯୋଗୀ ହେବାକୁ ପଡିବ । ବାବାଙ୍କୁ ନିଜର ସେବା ସମାଚାର ଦେବାକୁ ହେବ ।

(୨) ଦେହ-ଅଭିମାନରେ ଆସି କେବେହେଲେ କାହାକୁ ଅସମ୍ମାନ କରିବାର ନାହିଁ । ଓଲଟା ନିଶାରେ ଆସିବାର ନାହିଁ । ନିଜର ସମସ୍ତ ନଷ୍ଟ କରିବାର ନାହିଁ । ସେବାର ନୂଆ ନୂଆ ଉପାୟ ବାହାର କରିବାକୁ ହେବ । ଯୋଗ୍ୟ ସେବାଧାରୀ ହେବାକୁ ପଡିବ ।

ବରଦାନ:- ସର୍ବଦା ଦୟା ଏବଂ କଲ୍ୟାଣର ଦୃଷ୍ଟି ରଖି ବିଶ୍□ର ସେବା କରୁଥିବା ବିଶ୍□ ପରିବର୍ତ୍ତକ ଭବ ।

ବିଶ୍□ ପରିବର୍ତ୍ତକ ବା ବିଶ୍□ ସେବାଧାରୀ ଆତ୍ମାମାନଙ୍କର ମୁଖ୍ୟ ଲକ୍ଷଣ ହେଲା - ନିଜର ଦୟାଶୀଳ ଏବଂ କଲ୍ୟାଣର ଦୃଷ୍ଟି ଦ୍□ାରା ବିଶ୍□କୁ ସମ୍ପନ୍ନ ବା ସୁଖି କରିବା ଏବଂ ଯେଉଁ ସବୁ ଅପ୍ରାପ୍ତ ବସ୍ତୁ ଗୁଡିକ ରହିଛି, ଯଥା ଈଶ୍□ରୀୟ ସୁଖ, ଶାନ୍ତି ଏବଂ ଜ୍ଞାନ ରୂପକ ଧନ ଦ୍□ାରା ତଥା ସର୍ବଶକ୍ତିଗୁଡିକ ଦ୍□ାରା ସର୍ବ ଆତ୍ମାମାନଙ୍କୁ ଭିକାରୀରୁ ଅଧିକାରୀ କରିଦେବା । ଏହିଭଳି ସେବାଧାରୀ ନିଜର ପ୍ରତ୍ୟେକ ମୂହୁର୍ତ୍ତ, ବାଣୀ, କର୍ମ ଏବଂ ସମ୍ବନ୍ଧ-ସମ୍ପର୍କକୁ ସେବାରେ ହିଁ ଲଗାଇଥାଆନ୍ତି । ସେମାନଙ୍କର ଦେଖିବାରେ, ଚାଲିବାରେ, ଖାଇବା-ପିଇବାରେ ସବୁଥିରେ ସେବା ସମାହିତ ହୋଇ ରହିଥାଏ ।

ସ୍ଲୋଗାନ:- ମାନ-ସମ୍ମାନକୁ ତ୍ୟାଗ କରିବା ସହିତ ନିଜର ସମସ୍ତକୁ ମଧ୍ୟ ବେହଦ ସେବାରେ ସଫଳ କରିବା ହିଁ ପରୋପକାରୀ ହେବା ।

*** ଓମ୍ ଶାନ୍ତି ***

ଅବ୍ୟକ୍ତ ଈଶାରା:- ବ୍ରହ୍ମାବାବାଙ୍କ ସମାନ ସମ୍ପନ୍ନ ଏବଂ ସମ୍ପୂର୍ଣ୍ଣ ସ୍ଥିତିର ଅନୁଭବ କର ।

ଅନ୍ତିମ ସମ୍ପୂର୍ଣ୍ଣ ସ୍ଥିତିକୁ ପ୍ରାପ୍ତ କରିବା ପାଇଁ ନିଜକୁ ଅତିଥି ମନେ କରିଚାଲ । ଯେଉଁମାନେ ନିଜକୁ ଅତିଥି ମନେ କରନ୍ତି ସେମାନେ ବ୍ୟକ୍ତରେ ରହୁଥିଲେ ମଧ୍ୟ ଅବ୍ୟକ୍ତ ସ୍ଥିତିରେ ରହିଥାଆନ୍ତି । ସେମାନଙ୍କର କାହା ସହିତ ବି ମୋହ ନ ଥାଏ । ମୁଁ ଏହି ଶରୀର ଭିତରେ, ଏହି ଦୁନିଆରେ ଅତିଥି ଅଟେ, କେବଳ ଅଳ୍ପ ସମୟ ପାଇଁ ଏହି ଶରୀରକୁ କାମରେ ଲଗାଇବାକୁ ହେବ ।